ମୂର୍ଖଶତକ

ଶ୍ରୀ ଜଗନ୍ନାଥ ମହାପାତ୍ର

Digitized by PPRACHIN, SOA

ଅଣିକିଆ ସଂସ୍କରଣ   ପ୍ରଥମ ଖଣ୍ଡ

ମୂର୍ଖ ଶତକ

ସାନୁବାଦ

ପ୍ରଥମ ସଂସ୍କରଣ

୧୯୩୧

—ପ୍ରକାଶକ—

ମଧୁପୁର ମିଃଇ ବିଦ୍ୟାଳୟ ଶିକ୍ଷକସଙ୍ଘ

ଗଡ଼ମଧୁପୁର

କଟକ

Digitized by PPRACHIN, SOA

ମୁଖବନ୍ଧ

ଦାଶବର୍ଷ ପୂର୍ବେ ଧାରାବାହିକରୂପେ ସାହିତ୍ୟ-ପୁସ୍ତକ-ପ୍ରକାଶର ଭାର ଗ୍ରହଣ କରିବା ସହରର ପୁସ୍ତକ ବ୍ୟବସାୟୀଙ୍କ ପକ୍ଷରେ ମଧ୍ୟ ଅସମ୍ଭବ ବ୍ୟାପାର ଥିଲା । ଆଶା ଓ ଆନନ୍ଦର କଥା—ଏହି ଦଶବର୍ଷ ମଧ୍ୟରେ ସାହିତ୍ୟର ସେ ଅବସ୍ଥା ବହୁ ପରିମାଣରେ ପରିବର୍ତ୍ତିତ ହୋଇଅଛି । ସହରର ପୁସ୍ତକବ୍ୟବସାୟୀଙ୍କ କଥା ଦୂରରେ ଥାଉ, ପଲ୍ଲୀଗ୍ରାମରେ ମଧ୍ୟ ଉକ୍ତ ଦିଗରେ ଉଦ୍ୟମ ବ୍ୟକ୍ତିଗତ ଓ ଦଳଗତଭାବରେ ଦେଖା ଦେଲାଣି । ମଧୁପୁର ମଧ୍ୟ ଇଂରାଜି ବିଦ୍ୟାଳୟର ଶିକ୍ଷକମାନଙ୍କର ଏ ସଙ୍ଘବଦ୍ଧ ଉଦ୍ୟମ ଏହାର ପ୍ରକୃଷ୍ଟ ପ୍ରମାଣ । କ୍ଷୁଦ୍ର କ୍ଷୁଦ୍ର ସାରବାନ୍ ନୀତିଗର୍ଭକ ବିଷୟ କ୍ଷୁଦ୍ର ପୁସ୍ତିକାକାରରେ ପ୍ରକାଶିତ ହେଲେ ସାହିତ୍ୟ ପ୍ରଚାର କାର୍ଯ୍ୟ ଅଳ୍ପ ସମୟରେ ଅଧିକ ଦୂର ଅଗ୍ରସର ହୁଏ । ଆମ ଦରିଦ୍ର ଦେଶ ପକ୍ଷରେ ଏ ପ୍ରକାର ଉଦ୍ୟମ ଅତ୍ୟନ୍ତ ଆବଶ୍ୟକ । ଏଣୁ ଶିକ୍ଷକସଙ୍ଘର ଏ ସାଧୁ ଉଦ୍ୟମ ସର୍ବଥା ପ୍ରଶଂସାର୍ହ ।

ଏହି ଅଣିକଥା ସଂସ୍କରଣପାଇଁ ପ୍ରଥମ ଖଣ୍ଡର ବିଷୟ-ନିର୍ବାଚନ ଅତି ସୁନ୍ଦର ହୋଇଅଛି । ବିଷୟଟି ପ୍ରାଚୀନ ନୀତି-ଗ୍ରନ୍ଥ ସଂସ୍କୃତ 'ମୂର୍ଖଶତକ'ର ଅନୁବାଦ । 'ମୂର୍ଖଶତକ' ଏକ ନବାବିଷ୍କୃତ ଗ୍ରନ୍ଥ । ଯେ ଥରେ ପଢିବ, ସେ ଏହାର ଉପା-

Digitized by PPRACHIN, SOA

ଦେଶପ୍ରଥା ଅନୁଭବ କରିପାରିବେ । ଏହା ଏତେ ଚିତ୍ତାକର୍ଷକ ହୋଇଛି ଯେ, ପ୍ରକାଶିତ ହେବା ସଙ୍ଗେ ସଙ୍ଗେ ଭାରତୀୟ ବିଭିନ୍ନ ଭାଷାରେ ଅନୂଦିତ ହୋଇଗଲାଣି । ଲେଖକ ଉତ୍କଳାନୁବାଦରେ ମୂଳର ସୌନ୍ଦର୍ଯ୍ୟ ଅକ୍ଷୁଣ୍ଣ ରଖି ପାରିଛନ୍ତି । ଆଶାକରେ, ଏହି ପୁସ୍ତକଟି ଏବଂ ଏହି ଶ୍ରେଣୀର ଓ ଏହି ସଂସ୍କରଣର ଯାବତୀୟ ପୁସ୍ତକ ବାଳକ ବାଳିକାଙ୍କର ଆଦରର ଧନ ହେବ ।

ବାଳକୃଷ୍ଣ କର

Digitized by PPRACHIN, SOA

ମୂର୍ଖଶତକ

ସାମର୍ଥ୍ୟେ ଭଗତୋଦ୍ୟୋଗଃ ସ୍ୱଶ୍ଳାଘୀ ପ୍ରାଜ୍ଞ ପର୍ଷଦ
ବେଶ୍ୟା ବଚସି ବଶ୍ୱାସୀ ପ୍ରତ୍ୟୟୀ ଦମ୍ଭଡମ୍ବରେ
ଦ୍ୟୂତାଦ ବତ୍ତବଦ୍ଧାଶଃ କୃଷ୍ୟାଦାବ୍ୟେଷୁ ସଶୟୀ
ନବୁର୍ଦ୍ଧିଃ ପ୍ରୌଢ଼କାର୍ଯ୍ୟାର୍ଥୀ ବବ୍ ରସିକୋ ବଣିକ୍
ଋଣେନ ସ୍ଥାବର କ୍ରେତା ସ୍ଥବରଃ କନ୍ୟକାବରଃ
ବ୍ୟାଖ୍ୟାତା ଚାଶ୍ରୁତୋ ଗ୍ରନ୍ଥେ ପ୍ରତ୍ୟକ୍ଷାର୍ଥେଽପ୍ୟ ପହ୍ନବୀ
ଚପଳା ସକ୍ତଈର୍ଷ୍ୟାଳୁଃ ଶକ୍ତ ଶତ୍ରୁରଶଙ୍କିତଃ
ଦତ୍ତ୍ୱାଧନାନ୍ୟନୁଶୟୀ କବନା ହଠ ପାଠକଃ
ଅପ୍ରସ୍ତାବେ ପଟୁବକ୍ତା ପ୍ରସ୍ତାବେ ମୌନକାରକଃ
ଲାଭକାଳେ କଳହକୃତ୍ ମନ୍ୟୁମାନ୍ ଭୋଜନକ୍ଷଣେ
କୀର୍ତ୍ତ୍ୟାର୍ଥଃ ସ୍ଥୂଳଲାଭେନ ଲୋକୋକ୍ତୌ କ୍ଲିଷ୍ଟ ସଂବୃତଃ
ସ୍ୱାଧୀନେ ଧନେ ଦୀନଃ ପନ୍ୟାସ୍ୱନ୍ତାର୍ଥ ଯାଚକଃ
ଭାର୍ଯ୍ୟାଖେଦାତ୍ କୁଟୋଦ୍‌ବାନ୍ଧଃ ପୁଏକୋପାତ୍ ତଦନ୍ତକଃ

Digitized by PPRACHIN, SOA

କାମୁକ ଈର୍ଷ୍ୟା ଦାତା ଗର୍ବବାନ୍ ମାର୍ଗଣୋଦ୍ଧତଃ
ଧୀଦର୍ପାନ୍ଧ ହତଶ୍ରୋତା ଲୂଲୋତ୍‌ସେକାଦସେବକଃ
ଦତ୍ତାର୍ଥାନ୍ ଦୁର୍ଲ୍ଲଭାନ୍ କାମୀ ଦତ୍ତ୍ୱା ଶୁଲ୍କମମାର୍ଗଗଃ
ଲୁବ୍ଧେ ଭୂଭୁଜ ଲଭାର୍ଥୀ ନ୍ୟାଯ୍ୟାର୍ଥୀ ଦୁଷ୍ଟ ଶାସ୍ତ୍ରର
କାମ୍ୟସ୍ତ୍ରେ ସ୍ନେହବନ୍ଧାଶଃ କ୍ରୂରେ ମନ୍ତ୍ରିଣି ନର୍ଭୟଃ
କୃତଘ୍ନେ ପ୍ରତକାର୍ଯ୍ୟାର୍ଥୀ ନୀରସେ ଗୁଣବନ୍ଧନୀ
ସ୍ୱାସ୍ଥ୍ୟେ ବୈଦ୍ୟକ୍ରିୟାନ୍ୱେଷୀ ରୋଗୀ ପଥ୍ୟପରାଙ୍ମୁଖଃ
ଲୋଭେନ ସ୍ୱଜନତ୍ୟାଗୀ ବାଗ୍ ମିତ୍ର ବିରାଗକୃତ୍
ଲାଭକାଲେ କୃତାଲସ୍ୟ ମହଦ୍ଭିଃ କଲହପ୍ରିୟଃ
ରାଜ୍ୟାର୍ଥୀ ଗଣକସ୍ୟୋକ୍ତେଃ ମୂର୍ଖମନ୍ତ୍ରେ କୃତାଦରଃ
ଶୂରେ ଦୁର୍ବଳ ବାଧାଦ୍ୟଂ ଦୃଷ୍ଟ ଦୋଷାଙ୍ଗନାରତଃ
କ୍ଷଣରାଗୀ ଗୁଣାଭ୍ୟାସେ ସଖ୍ୟେଽନ୍ୟୈଃ କୃତବ୍ୟୟଃ
ନୃପାନୁକାରୀ ମାନେନ ଜନେ ରାଜାଦନାଦକଃ
ଦୁଃଖେ ଦର୍ଶିତ ଦୈନ୍ୟାର୍ତ୍ତିଃ ସୁଖେ ବିସ୍ମୃତଦୁର୍ଗତିଃ
ବହୁ ବ୍ୟୟୋଽଲ୍ପ ରକ୍ଷାର୍ଥଂ ପରୀକ୍ଷାର୍ଥେ ବିଷାଶନଃ
ଦଗ୍ଧାର୍ଥୀ ଧାତୁବାଦେନ ରସାୟନୈରସକ୍ଷୟୀ
ଆତ୍ମସମ୍ଭାବନାସ୍ତବ୍ଧଃ କ୍ରୋଧାଦାତ୍ମବଧୋଦ୍ୟତଃ
ନତ୍ୟଂ ନିଷ୍ଫଳସଂଗ୍ରହୀ ଯୁଦ୍ଧପ୍ରେକ୍ଷୀ ଶରାହତଃ

Digitized by PPRACHIN, SOA

ଜ୍ଞାନୀ ଶବ୍ଦ ବିରୋଧେନ ସ୍ୱଳ୍ପାର୍ଥଃ ସ୍ଫୀତଡ଼ମ୍ବରଃ
ପଣ୍ଡିତୋଽସ୍ମୀତି ବାଚାଳଃ ସୁଭଟୋଽସ୍ମୀତି ନିର୍ଭୟଃ
ପ୍ରଫୁଲ୍ଲିତୋଽତିସ୍ମିତଭୂଃ ମର୍ମଭେଦୀ ସ୍ମିତୋକ୍ତିଭିଃ
ଦରିଦ୍ର ହସ୍ତନ୍ୟସ୍ତାର୍ଥଃ ସନ୍ଦିଗ୍ଧେଽର୍ଥେ କୃତବ୍ୟୟଃ
ସ୍ୱବ୍ୟୟେ ଲେଖନାଲସ୍ୟ ଦୈବାଶାତ୍ୟକ୍ତପୌରୁଷଃ
ଗୋଷ୍ଠୀରତ ଦରିଦ୍ରସ୍ତୁ ଦୈନ୍ୟେ ବସ୍ତୃତଭୋଜନଃ
ଗୁଣହୀନ କୁଳଶ୍ଳାଘୀ ଗୀତଗାୟୀ ଖରସ୍ୱରଃ
ଭାର୍ଯ୍ୟା ଭୟାନ୍ନିଷିଦ୍ଧାର୍ଥୀ କାର୍ପଣ୍ୟେନାପ୍ତ ଦୁର୍ଯଶଃ
ବ୍ୟକ୍ତଦୋଷ ଜନଶ୍ଳାଘୀ ସଭାମଧ୍ୟାର୍ଦ୍ଧ ନିର୍ଗତଃ
ଦୂତୋ ବସ୍ତୃତସନ୍ଦେଶଃ କାସବାଂଶ୍ଚୌରିକାରତଃ
ଭୂରିଭୋଜ୍ୟ ବ୍ୟୟଃ କୀର୍ତ୍ତୌ ଶ୍ଳାଘାର୍ଥେ ସ୍ୱଳ୍ପଭୋଜନଃ
ସ୍ୱଳ୍ପେ ଭକ୍ଷ୍ୟେଽତିରସିକୋ ବିକ୍ଷିପ୍ତ ସ୍ଥୂଲଦୃଷ୍ଟିଭିଃ
ବେଶ୍ୟାବ୍ୟାପାର-କଳଙ୍କୀ ଦ୍ୱୟୋର୍ମନ୍ତ୍ରେ ତୃତୀୟକଃ
ରାଜପ୍ରସାଦେ ସ୍ଥିରଧୀଃ ଅନ୍ୟାୟେନ ବିବର୍ଦ୍ଧିଷ୍ଣୁଃ
ଅର୍ଥହୀନୋଽର୍ଥ-କାର୍ଯ୍ୟାର୍ଥୀ ଜନେ ଗୁହ୍ୟ ପ୍ରକାଶକଃ
ଅଜ୍ଞାତ ପ୍ରତିଭୂଃ କୀର୍ତ୍ତୌ ହିତବାଦିନି ମତ୍ସରୀ
ସର୍ବତ୍ର ବିଶ୍ୱସ୍ତମନା ନ ଲୋକ-ବ୍ୟବହାରବିତ୍

Digitized by PPRACHIN, SOA

ଉଷ୍ଣୁକ ଚେଷ୍ଟାଷ୍ଟଭୋଜୀତ ଗୁରୁଷ୍ଟ ଶିଥିଲକିୟୁଃ
ରୁକ୍ମିଣ୍ୟପି ନଲ୍ଲର୍ଷ୍ଟଃ ସ୍ୱ୍ୟାନ୍ ମୂର୍ଚ୍ଛଷ୍ଟ ସ୍ୱହାସର୍ଗୀଃ ।

Digitized by PPRACHIN, SOA

ମୂର୍ଖଶତକ

~~~୦~~~

ସାମର୍ଥ୍ୟେ ବିଗତୋଦ୍ୟୋଗଃ

ଶକତ ସାମର୍ଥ୍ୟ ଥାଇ ନକଲେ ଉଦ୍ୟମ,
ତାକୁ ଲୋକେ ବୋଲିଥାନ୍ତି ମୂରୁଖ ଅଧମ । ୧ ।

ସ୍ୱଶ୍ଳାଘୀ ପ୍ରାଜ୍ଞପର୍ଷଦି

ଗାଏ ଯେ ବିଜ୍ଞ-ସମାଜେ ନିଜଗୁଣ ଖ୍ୟାତି,
ପ୍ରବୀଣ ବର୍ଗରେ ସେହୁ ଅଜ୍ଞାନ ନିହାତି । ୨ ।

ବେଶ୍ୟାବଚସି ବିଶ୍ୱାସୀ

ସତପର ମଣେ ଯେହୁ ବେଶ୍ୟାକଥା ଶୁଣି,
ତାଭଳି ମୂରୁଖ ଜଣେ ନ ମିଳଇ ପୁଣି । ୩ ।

ପ୍ରତ୍ୟୟୀ ଦମ୍ଭଡମ୍ବରେ

ଦମ୍ଭ ଆଡ଼ମ୍ବରେ ଭାସି ଭୁଲେ ମୂଳ କଥା,
ସଂସାରେ ତାହାକୁ ମୂର୍ଖ ବୋଲନ୍ତି ସର୍ବଥା । ୪ ।

ଦ୍ୟୂତାଦ୍ ବିତ୍ତବାଞ୍ଛାଶଃ

ଧନଲାଭ ଭରସାରେ ମାତେ ଜୁଆଖେଳେ,
ତାକୁହିଁ ଅଜ୍ଞାନ ନାମେ ନିନ୍ଦନ୍ତି ସକଳେ । ୫ ।

କୃଷ୍ୟାଦାୟେଷୁ ସଂଶୟୀ

କୃଷିକର ଲାଭରେ ଯେ କରଇ ସନ୍ଦେହ,
ତାପର ମୂରୁଖ ଗୃହୀ ମିଳିବା ଦୁରୂହ । ୬ ।

Digitized by PPRACHIN, SOA
~~~

ନିର୍ବୁଦ୍ଧିଃ ପ୍ରୌଢ଼କାର୍ଯ୍ୟାର୍ଥୀ

ବୁଦ୍ଧିହୀନ ହୋଇ ଯେବେ ବୁଦ୍ଧିମାନ ପରି,
ବଡ଼କାମେ ଦିଏ ହାତ ତାକୁ ମୂର୍ଖ ବୋଲି । ୭ ।

ବିବିକ୍ତରସିକୋ ବଣିକ୍

ବେପାର କରେ ଯେ ଲୋକ ହୋଇ ଅରସିକ,
ଦେଖା ନାହିଁ ତାହାପରି ନିତାନ୍ତ ମୂରୁଖ । ୮ ।

ଋଣେନ ସ୍ଥାବରକ୍ରେତା

ସ୍ଥାବର ସମ୍ପତ୍ତି କିଣେ ଯେହୁ କରି ଋଣ,
ମୂର୍ଖ ନାମେ ଧିକ୍କାରନ୍ତି ତାକୁ ସର୍ବଜନ । ୯ ।

ସ୍ଥବିରଃ କନ୍ୟକାବରଃ

ସ୍ଥବିର ବୟସେ କଲେ କିଶୋରୀ ବିବାହ,
ଗଣ୍ଡ ମୂର୍ଖ ଜାଣି ନିଜେ ଢ଼ାଳୁଥାଏ ଲୁହ । ୧୦ ।

ବ୍ୟାଖ୍ୟାତା ଚାଶ୍ରୁତେ ଗ୍ରନ୍ଥେ

ଅଜଣା ଅଶୁଣା ଶାସ୍ତ୍ର କରେ ଯେହୁ ବ୍ୟାଖ୍ୟା,
ସକଳେ ଦିଅନ୍ତି ତାକୁ ଗଜମୂର୍ଖ ଆଖ୍ୟା । ୧୧ ।

ପ୍ରତ୍ୟକ୍ଷାର୍ଥେଽପ୍ୟ ପହ୍ନବୀ

ସାକ୍ଷ୍ୟ ଲକ୍ଷ୍ୟ ପ୍ରତ୍ୟକ୍ଷ୍ୟରେ ଦେଖି ଯେ ଘଟଣା,
ବିଶ୍ୱାସ ନ ଯାଏ ସେହୁ ମହାମୂର୍ଖେ ଗଣା । ୧୨ ।

ଚପଳା ପତିସ୍ପର୍ଦ୍ଧ୍ୟାଳୁଃ

ବିଭାହୋଇ ବାରନାରୀ ବାଛେ ଯେ ତା ଦୋଷ,
ମୂର୍ଖନାମ ତାହା ପକ୍ଷେ ନୁହେଁ ଟି ବିଶେଷ । ୧୩ ।

Digitized by PPRACHIN, SOA

ଶକ୍ତଶତ୍ରୁରଶଙ୍କିତଃ

ବଳଶାଳୀ ଶତ୍ରୁ ଥାଏ ଯାର ପାଖେ ପାଖେ,
ସେ ଯେବେ ନିଃଶଙ୍କେ ବୁଲେ ଗଣା ସେ ମୂରୁଖେ ।୧୪।

ଦତ୍ତାଧନାନ୍ୟନୁଶୟୀ

ଦତ୍ତ ଧନରାଶି ଲାଗି କରେ ଯେ ଶୋଚନା,
ଅଛି କେ ମହୀମଣ୍ଡଳେ ଅଧମ ତା ବିନା । ୧୫ ।

କଷ୍ଟନା ହଠପାଠକଃ

ଅଜ୍ଞ ହୋଇ ବିଜ୍ଞ ସଙ୍ଗେ କଲେ ଶାସ୍ତ୍ରବାଦ,
ନ ଯାଏ ଜୀବନୁ ତାର ମୂର୍ଖ ଅପବାଦ । ୧୬ ।

ଅପ୍ରସ୍ତାବେ ପଟୁବକ୍ତା

ପ୍ରସ୍ତାବ ଭୁଲି ଯେ ଗପେ ଅପ୍ରସ୍ତାବେ ବହୁ,
ଜାଣିଥାଅ ଭଲ କରି ମୂରୁଖଟି ସେହୁ । ୧୭ ।

ପ୍ରସ୍ତାବେ ମୌନକାରକଃ

ନ ଫିଟଇ ପାଟି ଯାର ପ୍ରସ୍ତାବ ବିଷୟେ,
ସଦା ମୂର୍ଖ ବୋଲି ତାକୁ ସମସ୍ତେ ସଭିଏ । ୧୮ ।

ଲାଭକାଳେ କଳହକୃତ୍

ଲାଭବେଳେ କଳିକରି ହରାଏ ଯେ ଲାଭ,
ତା ସମ ମୂରୁଖ ଜନ ଜଗତେ ଦୁର୍ଲଭ । ୧୯ ।

ମନ୍ୟୁମାନ୍ ଭୋଜନକ୍ଷଣେ

ଭୋଜନ ବେଳେ ଯେ କ୍ରୁଧଏ ରାଗେ ଜର ଜର,
କଣା ଶୁଣା କଥା ଏହା ସେ ଜଣେ ପାମର । ୨୦

Digitized by PPRACHIN, SOA

କୀର୍ତ୍ତ୍ୟର୍ଥଃ ସ୍ଥୂଳଲବେନ

ବହୁ ବ୍ୟୟ କରେ ଯେହୁ ସ୍ୱଳ୍ପ ଲଭ ଲଗି,
ତାକୁ ମଧ କରିଥାନ୍ତି ମୂର୍ଖ ମଧ୍ୟେ ଭାଗୀ । ୨୧ ।

ଲୋକୋକ୍ତ୍ୟୈ କ୍ଲିଷ୍ଟ ସଂବୃତଃ

ଲୋକ ମୁଖୁଁ ନିଜ ନିନ୍ଦା ଶୁଣି ଯେ ବ୍ୟଥିତ,
ସେ ଜଣେ ପାମର ବୋଲି ଲୋକେ ପରିଚିତ ।୨୨।

ପୁତ୍ରାଧୀନେ ଧନେ ଦୀନଃ

ପୁଅ ହାତେ ସଁପିଦେଇ ସମ୍ପତ୍ତି ସକଳ,
ମହାଦୁଃଖେ କାଟେ କାଳ ମୂରୁଖ କେବଳ । ୨୩ ।

ପତ୍ନ୍ୟାଦ୍ୟୁତ୍ତାର୍ଥ ଯାଚକଃ

ପତ୍ନୀକୁ ଦେଇ ଯେ ଧନ ମାଗେ ତାହା ପୁଣି,
ନ ପାଇ ନିରାଶ ହୁଏ ତାକୁ ମୂର୍ଖେ ଗଣି ।୨୪ ।

ଭାର୍ଯ୍ୟାଖେଦାତ୍ କୃତୋଦ୍‌ବାହଃ

ଏକ ପତ୍ନୀ ପ୍ରତି ଯେହୁ ଖେଦ ଭାବ ବହି,
ବିଭାହୁଏ ଆନ ପତ୍ନୀ ତାକୁ ମୂର୍ଖ କହି । ୨୫ ।

ପୁତ୍ରକୋପାତ୍ ତଦନ୍ତକଃ

ମହାକୋପେ ପୁଅକୁ ଯେ ଦିଏ ପ୍ରାଣେ ମାରି,
ମହୀରେ ନମିଲେ ଜଣେ ମୂରୁଖ ତା ପରି । ୨୬ ।

କାମୁକ ସ୍ପର୍ଦ୍ଧ୍ୟା ଦାତା

ବାହାଦୁରି ଅର୍ଜିବାକୁ ଯେଉଁ କାମୀ ଜନ,
ବେଶ୍ୟାକୁ ଦିଅଇ ଧନ ସେହୁ ମୂର୍ଖ ହୀନ । ୨୭ ।

Digitized by PPRACHIN, SOA

ଗର୍ବବାନ୍ ମାର୍ଗଶୋଣ୍ଡଭଃ

ଯାଚକର ସ୍ତୁତିବାକ୍ୟେ ହୁଏ ଯେ ଗର୍ବିତ,
ଗଜମୂର୍ଖ ବୋଲି ତାକୁ ନିନ୍ଦଇ ଜଗତ । ୨୮ ।

ଧୀଦର୍ପାନ୍ନ ହୃତଶ୍ରୋତା

ସର୍ବଜ୍ଞ ମଣି ଯେ ଅନ୍ୟ ବଚନ ନ ଶୁଣେ,
କପଟ ଅଧମ ତାକୁ କହୁଥାନ୍ତି ଜନେ । ୨୯ ।

କୁଳୋତ୍ସେକାଦସେବକଃ

କୁଳଗର୍ବ ଅଭିମାନେ ଫୁଲି ଯେଉଁ ଜନ,
ନକରେ ଶୁକ୍ରଷା କେବେ ସେହୁ ମୂର୍ଖ ଜାଣ । ୩୦ ।

ଦତ୍ତାର୍ଥାନ୍ ଦୁର୍ଲ୍ଲଭାନ୍ କାମୀ

ଦୁର୍ଲ୍ଲଭ ପଦାର୍ଥ ଦେଇ କାମନା ପୂରଣ,
କରେ ଯେ କାମୁକ ଜନ ସେ ଜଣେ ଅଧମ । ୩୧ ।

ଦତ୍ତାଶୁଳ୍କ ସମାର୍ଗଗଃ

ଅନ୍ୟାନ୍ୟ ବେପାର କରେ ଯେହୁ ଶୁଳ୍କ ଦେଇ,
ସେପରି ମୂଢ଼ ମାନବ କାହିଁ ଦେଖା ନାହିଁ । ୩୨ ।

ଲୁବ୍ଧେ ଭୂଭୁଜି ଲଭାର୍ଥୀ

କୃପଣ ନୃପତି ଠାରୁ ଧନଆଶା ଯାର,
ତା ନାମେ ପକାନ୍ତି ଲୋକେ ମୂରୁଖରେ ଗାର ।୩୩।

ନ୍ୟାୟାର୍ଥୀ ଦୁଷ୍ଟଶାସ୍ତରି

ଦୁରନ୍ତ ଶାସକ ପାଶୁଁ ନ୍ୟାୟ ସୁବିଚାର,
ଆଶା କରନ୍ତି କେବଳ ପାମର ସକଳ । ୩୪ ।

Digitized by PPRACHIN, SOA

କାପୁରୁଷେ ସ୍ନେହବନ୍ଧାଶଃ

ରାଜକର୍ମଚ୍ୟୁତ ସ୍ନେହେ ନିର୍ଭର ଯେ କରେ,
ତା ଭଳି ମୂର୍ଖର ଦଶା କହିଲେ ନ ସରେ । ୩୫ ।

କ୍ରୂରେ ମନ୍ତ୍ରିଣି ନିର୍ଭୟଃ

କ୍ରୂର ମନ୍ତ୍ରୀ ଥାଉଁ ଥାଉଁ ରାଜାଙ୍କ ସମୀପେ,
ବଞ୍ଚରେ ଯେ ନିର୍ଭୟରେ ମୂରୁଖ ସେ ଅପେ । ୩୬ ।

କୃତଘ୍ନେ ପ୍ରତିକାର୍ଯ୍ୟାର୍ଥୀ

ଉପକାର କରି ଯେହ୍ନେ କୃତଘ୍ନ ଲୋକର,
ପ୍ରତି ଉପକାର ଚାହେଁ ପାମର ସେ ନର । ୩୭ ।

ନୀରସେ ଗୁଣବିକ୍ରୟୀ

ନୀରସ ନିର୍ଗୁଣ ପାଖେ ବଖାଣେ ଯେ ଗୁଣ,
ଜୀବ ଥିବା ଯାଏ ବହିଥାଏ ମୂର୍ଖ ନାମ । ୩୮ ।

ସ୍ୱାସ୍ଥ୍ୟେ ବୈଦ୍ୟକ୍ରିୟାନ୍ୱେଷୀ

ସୁସ୍ଥ ବଳବାନ ହୋଇ ଯେ ଲୋଡ଼େ ଔଷଧ,
ମହାମୂର୍ଖ ବୋଲି ତାକୁ ମଣନ୍ତି ସୁବୋଧ । ୩୯ ।

ରୋଗୀ ପଥ୍ୟପରାଙ୍ମୁଖଃ

ଖାଏ ନାହିଁ ପଥ୍ୟ ଯେହ୍ନେ ରୋଗ ବ୍ୟାଧି ବେଳେ
ତାକୁ ଲୋକେ ଗଣିଥାନ୍ତି ମୂର୍ଖଙ୍କ ଭିତରେ । ୪୦ ।

ଲୋଭେନ ସ୍ୱଜନତ୍ୟାଗୀ

ଲୋଭେ ପଡ଼ି ତେଜଇ ଯେ ଆତ୍ମୀୟ ସ୍ୱଜନ,
ମୂର୍ଖ ନାମ ଦେଇଥାନ୍ତି ତାକୁ ଯୋଗ୍ୟଜନ । ୪୧ ।

Digitized by PPRACHIN, SOA

ବାଗ୍ମିନବଶଗକୃତ୍

ଅପ୍ରିୟ ବଚନ କହଇ ପ୍ରିୟ ବନ୍ଧୁଜନେ,
ବନ୍ଧୁତା ହରଏ ଯେଣୁ ଖ୍ୟାତ ମୂର୍ଖ ନାମେ । ୪୨ ।

ଲାଭକାଳେ କୃତାଲସ୍ୟଃ

ଲାଭବେଳେ ଅଳସ୍ୟରେ କଟାଏ ଯେ କାଳ,
ତାକୁ ଲୋକେ କହୁଥାନ୍ତି ମୂର୍ଖ କୁଳାଙ୍ଗାର । ୪୩ ।

ମହର୍ଦ୍ଧିଃ କଳହପ୍ରିୟଃ

ଧନବନ୍ତ ଜନ ଯେବେ ସ୍ୱଳ୍ପ ଧନଆଶେ,
କଳହେ ପ୍ରବୃତ୍ତ ରହେ ଅତି ମୂରୁଖ ସେ । ୪୪ ।

ରାଜ୍ୟାର୍ଥୀ ଗଣକସ୍ୟୋକ୍ତେଃ

ଜ୍ୟୋତିଷ କଥାରେ କଲେ ରାଜ୍ୟଲାଭଆଶା
ସେ ମୂର୍ଖ କପାଳେ ନାହିଁ କଦାପି ସୁଦଶା । ୪୫ ।

ମୂର୍ଖମନ୍ତ୍ରେ କୃତାଦରଃ

ମାତିଯାଏ ଯେଉଁ ଲୋକ ମୂର୍ଖ ମନ୍ତ୍ରଣାରେ,
ଅସଲ ମୂରୁଖ ସେହି ମୁଲକଯାକରେ । ୪୬ ।

ଶୂରେ ଦୁର୍ବଳ-ବାଧାୟାଂ

ନଶାଇ ଦୁର୍ବଳ ଦଳ ବୋଲାଏ ଯେ ବୀର,
ତା ପରି ମୂରୁଖ ଲୋକ ଦେଖିନ ସଂସାର । ୪୭ ।

ଦୁଷ୍ଟ ଦୋଷାଙ୍ଗନାରତଃ

ଜାଣି ଶୁଣି ଦୁଷ୍ଟରିତା ରମଣୀ ସହିତ,
ମାତିଯାଏ ଯେଉଁ ଜନ ମୂର୍ଖ ସେ ନିତାନ୍ତ । ୪୮ ।

Digitized by PPRACHIN, SOA

କ୍ଷଣରାଗୀ ଗୁଣାଭ୍ୟାସେ

ଗୁଣାଭ୍ୟାସ କାଳେ ଯାର ଅତ୍ୟନ୍ତ ଉଦ୍ୟମ,
ଅଳ୍ପକାଳେ ହୁଏ ଲୋପ ସେ ଜଣେ ଅଧମ । ୪୯ ।

ସଞ୍ଚୟେଽନ୍ୟୈଃ କୃତବ୍ୟୟଃ

ଖରଚ ଯେ କରେ ଅନ୍ୟସଞ୍ଚିତ ସମ୍ପତ୍ତି,
ମୂର୍ଖନାମ ପ୍ରୟୋଗହିଁ ଯୋଗ୍ୟ ତାହା ପ୍ରତି । ୫୦ ।

କୃପାନୁକାରୀ ମାନେନ

ଅନୁକରଣ କରଇ ରାଜାଙ୍କୁ ଯେ ଜନ,
ପାଇବ ସମ୍ମାନ ବୋଲି ମୂର୍ଖ ସେ ଅଧମ । ୫୧ ।

ଜନେ ରାଜାଦନିନ୍ଦକଃ

ପ୍ରକାଶ୍ୟରେ ରାଜନିନ୍ଦା କରେ ଯେଉଁ ଲୋକ,
ମୂର୍ଖ ବୋଲି ତାକୁ ସଦା ଦୋଷନ୍ତି ଭୂଲୋକ । ୫୨ ।

ଦୁଃଖେ ଦର୍ଶିତଦୈନ୍ୟାର୍ତ୍ତିଃ

ଦୁଃଖେ ଦୈନ୍ୟ ସହି ସଦା ସବୁରି ସମକ୍ଷେ,
ଗାଉଥାଏ ଦୁଃଖ ଯେହୁ ଲେଖା ସେ ମୂରୁଖେ । ୫୩ ।

ସୁଖେ ବିସ୍ମୃତ-ଦୁର୍ଗତିଃ

ସୁଖ ସମ୍ପଦେ ଯେ ଭାସି ଭୁଲେ ଗତ ଦୁଃଖ,
ଶାସ୍ତ୍ରକାର କହିଛନ୍ତି ସେ ଜଣେ ମୂରୁଖ । ୫୪ ।

ବହୁବ୍ୟୟୋଽଲ୍ପରକ୍ଷାର୍ଥଂ

ବହୁଧନ ବ୍ୟୟ କଲେ ଅଳ୍ପ ରକ୍ଷା ପାଇଁ,
ମୂର୍ଖ ନାମ ସହଜରେ ପାଇଥାଏ ସେହି । ୫୫ ।

Digitized by PPRACHIN, SOA

ପରୀକ୍ଷାର୍ଥେ ବିଷାଶନଃ

ପରଖିବା ପାଇଁ କଲେ ଗରଳ ଭକ୍ଷଣ,
ମହାମୂର୍ଖ ବୋଲି ତାକୁ ନିନ୍ଦଇ ଭୁବନ । ୫୬ ।

ଦଗ୍ଧାର୍ଥୋ ଧାତୁବାଦେନ

ମୂଲ୍ୟବାନ ଧାତୁ ଅଣେ ନୀରସ ଧାତୁରୁ,
ବ୍ୟସ୍ତ କରେ ସେଥି ଯେଣୁ ବଳେ ସେ ମୂର୍ଖରୁ । ୫୭ ।

ରସାୟନୈ ରସକ୍ଷୟୀ

ରସ କ୍ଷୟ କରେ ଯେହୁ ଖାଦ୍ୟ ରସ ସେବି,
ସେ ଜଣେ ଅଧମ ବୋଲି ଥାନ୍ତି ସର୍ବେ ଭାବି । ୫୮ ।

ଆତ୍ମସମ୍ଭାବନାସ୍ତବ୍ଧଃ

ନିଜକୁ ଯେ ବଡ଼ ମଣି ଅଭିମାନେ ଫୁଲେ,
ତାକୁ ସର୍ବେ ଗଣିଥାନ୍ତି ମୂରୁଖଙ୍କ ତୁଲେ । ୫୯ ।

କ୍ରୋଧାଦାତ୍ମବଧୋଦ୍ୟତଃ

କ୍ରୋଧେ ଅନ୍ଧ ହୋଇ ଖୋଜେ ଆତ୍ମହତ୍ୟା ବାଟ,
ତାକୁ ଲୋକେ କହୁଥାନ୍ତି ମୂରୁଖ ନିପଟ । ୬୦ ।

ନିତ୍ୟଂ ନିଷ୍ଫଳସଂଗ୍ରହୀ

ନିଷ୍ଫଳ କରମେ ହେଲେ ରତ ନିରନ୍ତର,
ତେଜନ୍ତି ସେ ମୂର୍ଖସଙ୍ଗ ବୁଦ୍ଧିମାନ ନର । ୬୧ ।

ଯୁଦ୍ଧପ୍ରେକ୍ଷୀ ଶରାହତଃ

ଶରଘାତ ସହି ମଧ୍ୟ ଯୁଦ୍ଧ ଦେଖେ ବସି,
ମୂର୍ଖ ବୋଲି କହୁଥାନ୍ତି ତାକୁ ବିଶ୍ୱବାସୀ । ୬୨ ।

Digitized by PPRACHIN, SOA

ଶସ୍ତ୍ରୀ ଶସ୍ତ୍ରୁ ବିରୋଧେନ

ପ୍ରବଳ ବଇରୀ ତୁଲେ ବିରୋଧ ଭିଆଇ,
ଅତିମୂର୍ଖ ଲୋକେ ଥାନ୍ତି ଅଚିନ୍ତାରେ ଶୋଇ । ୭୩ ।

ସ୍ୱଳ୍ପାର୍ଥଃ ସ୍ଫୀତଡ଼ମ୍ବରଃ

ଅଳପ ଅରଜ ଦାଣ୍ଡେ ବହୁ ଆଡ଼ମ୍ବର,
ଦେଖାଇଲେ ଲୋକେ ତାକୁ ବୋଲନ୍ତି ପାମର । ୭୪ ।

ପଣ୍ଡିତୋଽସ୍ମୀତି ବାଗ୍ମୁଳଃ

କହିବୁଲେ ଆପଣାକୁ ମହାଜ୍ଞାନୀ ବୋଲି,
ସଂସାରେ ନାହାନ୍ତି ମୂର୍ଖ ତାହାଠାରୁ ବଳି । ୭୫ ।

ସୁଭଟୋଽସ୍ମୀତି ନିର୍ଭୟଃ

ମହାବୀର ମଣି ନିଜେ ନିର୍ଭୟରେ ବୁଲେ,
ଗଣା ସେ ହୁଅଇ ନିଶ୍ଚେ ମୂରୁଖଙ୍କ ତୁଲେ । ୭୬ ।

ପ୍ରଫୁଲ୍ଲିତୋଽତି ସ୍ତୁତଭିଃ

ତୋଷାମୋଦେ ମାତିଯାଇ ବୁକୁ କରେ କୁଣ୍ଡେ,
ପାଷଣ୍ଡ ବୋଲିଣ ତାକୁ ଗଣନ୍ତି ବ୍ରହ୍ମାଣ୍ଡେ । ୭୭ ।

ମର୍ମଭେଦୀ ସ୍ମିତୋକ୍ତିଭିଃ

ହସ କଉତୁକ ବେଳେ ମର୍ମଭେଦୀ କଥା,
କହି ମୂର୍ଖ ଦେଇଥାଏ ଅନ୍ୟ ମନେ ବ୍ୟଥା । ୭୮ ।

ଦରିଦ୍ର ହସ୍ତନ୍ୟସ୍ତାର୍ଥଃ

ଜାଣୁ ଜାଣୁ ସମର୍ପେ ଯେ ଦୀନହାତେ ଧନ
ତାକୁ ଲୋକେ କହିଥାନ୍ତି ପାମର ଅଧମ । ୭୯ ।

Digitized by PPRACHIN, SOA

ସନ୍ଦିଗ୍ଧେଽର୍ଥେ କୃତବ୍ୟସ୍ତଃ

ଫଳରେ ସନ୍ଦେହ କରି ଅର୍ଥ କଲେ ବ୍ୟସ୍ତ
ସେ ଜଣେ ମୂର୍ଖ ବୋଲି ଜାଣିବ ନିଶ୍ଚୟ । ୭୦ ।

ସ୍ୱବ୍ୟୟେ ଲେଖନାଲସ୍ୟଃ

ଅନ୍ୟ ବ୍ୟସ୍ତ ଲେଖିବାରେ କରେ ଯେ ଆଳସ୍ୟ
ପଣ୍ଡିତ ହେଲେହେଁ ସେହୁ ମୂରୁଖ ଅବଶ୍ୟ । ୭୧ ।

ଦୈବାଶାତ୍ୟକ୍ତପୌରୁଷଃ

ଦଇବେ ନିର୍ଭର ରଖି ନ କଲେ ଉଦ୍ୟମ
ତାକୁ ଏକା କହୁଥାନ୍ତି ପୁରୁଷ ଅଧମ । ୭୨ ।

ଗୋଷ୍ଠୀରତି ଦରିଦ୍ରସ୍ତୁ

ଦରିଦ୍ର ହୋଇ ଯେ ମିଶେ ଧନଶାଳୀ ସଙ୍ଗେ
ମୂର୍ଖନାମେ ନିନ୍ଦାପାଏ ସେ ନାନା ପ୍ରସଙ୍ଗେ । ୭୩ ।

ଦୈନ୍ୟେ ବସ୍ତୁତଭୋଜନଃ

ଦୁଃଖେ ଯେ ଅଧୀର ହୋଇ ତ୍ୟଜେ ଖିଆପିଆ
ନିନ୍ଦେ ନୀତିଶାସ୍ତ୍ର ତାର ପାଷଣ୍ଡପଣିଆ । ୭୪ ।

ଗୁଣହୀନଃ କୁଳଶ୍ଳାଘୀ

ଗୁଣହୀନ ହୋଇ ଯେବେ କୁଳଖ୍ୟାତି ଘୋଷେ
ତାପରି ମୂରୁଖ ଆଉ ସଂସାରେ କିଏ ସେ । ୭୫ ।

ଗୀତଗାୟୀ ଖରସ୍ୱରଃ

ଗଧପରି ସ୍ୱର ପାଇ ଗାଏ ଯେ ସଙ୍ଗୀତ
ମୂଢ଼ ବୋଲି ସମାଜରେ ହୁଏ ସେ ନିନ୍ଦିତ । ୭୬

Digitized by PPRACHIN, SOA

ଭାର୍ଯ୍ୟାଭଯ୍ୟାନ୍ନିକ୍ଷିପ୍ତାର୍ଥୀ

ଭାର୍ଯ୍ୟାର ଭୟରେ ଧନ ରଖିଲେ ଲୁଚାଇ
କି ବୋଲିବେ ସର୍ବେ ତାକୁ ମୂରୁଖ ନ କହି । ୭୭ ।

କାର୍ପଣ୍ୟେନାପ୍ତ ଦୁର୍ଯଶଃ

ଅତି କୃପଣତା ଯୋଗୁଁ ଅର୍ଜେ ଯେ ଦୁର୍ନାମ
କପଟ ଅଧମ ତାକୁ କହୁଥାନ୍ତି ଜନ । ୭୮ ।

ବ୍ୟକ୍ତଦୋଷ ଜନଶ୍ଲାଘୀ

ସମସ୍ତେ ଜାଣନ୍ତି ଯା'ର ପାପ ଦୋଷରାଶି
ପ୍ରଶଂସା କରଇ ତାର ମୂର୍ଖ ଏକା ବସି । ୭୯ ।

ସଭାମଧ୍ୟାର୍ଦ୍ଧ ନିର୍ଗତଃ

ଉଠିଅସେ ଯେଉଁ ଲୋକ ସଭା ନ ସରୁଣୁ
ସଂସାରେ କେ ଅଛି ଆଉ ମୂରୁଖ ତାହାକୁ । ୮୦ ।

ଦୂତୋ ବସ୍ତୁ ତସନ୍ଦେଶଃ

ଦୂତ ଯେବେ ପାସୋରଇ ସନ୍ଦେଶସକଳ
ମହୀରେ ତା ଭଳି ଜଣେ ମୂରୁଖ ବିରଳ । ୮୧ ।

କାସବାଂଶ୍ଚୌରକାଚ୍ଛତଃ

ଚୋର ବୃତ୍ତି ଧରେ ଯେବେ କାସରୋଗୀ କେବେ
ମୂରୁଖ ନକହି ତାକୁ କି କହିବା ତେବେ । ୮୨ ।

ଭୂରିଭୋଜ୍ୟ ବ୍ୟୟଃ କୀର୍ତ୍ତୌ

ନାମଲାଗି ପେଟପୂର ଭୋଜି ଦେବା ଲୋକ
ଅଛି କି ତାପରି ଆଉ ମୂର୍ଖ ଅବିବେକ । ୮୩ ।

Digitized by PPRACHIN, SOA

ଶ୍ଳାଘାୟୈ ସ୍ୱଳ୍ପଭୋଜନଃ

ଅଳମ୍ପ ଖାଏ ଯେ ଲୋକ ପ୍ରଶଂସା ଆଶାରେ
ତାପର୍‌ ନପଣ୍ଠ ମୂଢ଼ ନମିଳେ ସଂସାରେ । ୮୪ ।

ସ୍ୱଳ୍ପେ ଭୋଜ୍ୟେଽତିରସିକଃ

ଅଳପ ସାମଗ୍ରୀ ଦେଖି ବାରମ୍ବାର ମାଗେ
ସେ ମୂର୍ଖ ଲୋକକୁ କେହ୍ନ ନବସାନ୍ତ ସଙ୍ଗେ । ୮୫

ବଞ୍ଚି ପ୍ରଶ୍ଳଦୁଷ୍ଟୁଭିଃ

କପଟ ପ୍ରଶଂଷା ଶୁଣି ବିଚଳିତ ମନ
ମୂରୁଖ ମଧ୍ୟରେ ସେହ୍ନ ଅତି ହୀନମାନ । ୮୬ ।

ବେଶ୍ୟାବ୍ୟାପାର-କଳହୀ

ବେଶ୍ୟାର ପ୍ରସଙ୍ଗ ଘେନ ଯେ କରେ କଳହ
ତା ମୂର୍ଖପଣିଆ ହୁଏ ସବୁର ଦୁଃସହ । ୮୭ ।

ଦ୍ୱୟୋର୍ମନ୍ତ୍ରେ ତୃତୀୟକଃ

କରନ୍ତ ଦଜଣ ଯହିଁ ଗୋପନ ମନ୍ତ୍ରଣା
ସେଠାକୁ ଯେ ଯାଏ ସେହ୍ନ ମୂର୍ଖନାମେ ଗଣା । ୮୮ ।

ରାଜପ୍ରସାଦେ ସ୍ଥିରଧୀଃ

ରାଜଅନୁଗ୍ରହ ପାଇ ନ ହେଲେ କୃତଜ୍ଞ
ବିଜ୍ଞ ଲୋକେ କହୁଥାନ୍ତ ତାକୁ ମୂଢ଼ ଅଜ୍ଞ । ୮୯ ।

ଅନ୍ୟାୟେନ ବିବର୍ଦ୍ଧିଷ୍ଣୁଃ

ପାପପଥେ କରେ ଯେହୁ ଉନ୍ନତ କାମନା
କହନ୍ତ ସକଳେ ତାକୁ ମୂର୍ଖ ନୀଚମନା । ୯୦ ।

Digitized by PPRACHIN, SOA

ଅର୍ଥହୀନୋଽର୍ଥ-କାର୍ଯ୍ୟାର୍ଥୀ

ଅର୍ଥହୀନ ଲଗେ ଯଦ ବ୍ୟୟସାଧ୍ୟ କାର୍ଯ୍ୟେ,
ଗଣନ୍ତି ତାହାକୁ ସିନା ମୂରୁଖସମାଜେ । ୯୧ ।

ଜନେ ଗୁହ୍ୟ ପ୍ରକାଶକଃ

ବାହାରେ ପ୍ରକାଶ କଲେ ଗୁପ୍ତ କଥାମାନ
ସେ ସିନା ଜନ-ସମାଜେ ମୂର୍ଖ ନରାଧମ । ୯୨ ।

ଅଜ୍ଞାତ ପ୍ରଭବୁଃ କୀର୍ତ୍ତି

ସୁନାମ ଅଶାରେ ଯେହ୍ନୁ ଅଜଣା ଲୋକର
ହୁଅଇ ଜାମିନ ସେହ୍ନୁ ଅତହିଁ ପାମର । ୯୩ ।

ହତବାଦୀ ମତ୍‌ସକ୍ତ

ହିତ ଉପଦେଶ ଶୁଣି ହିଂସା ବଢ଼େ ଯାର
ନୀତିଶାସ୍ତ୍ର ବୋଲେ ତାକୁ ଅତି ମୂଢ଼ ନର । ୯୪ ।

ସର୍ବତ୍ର ବିଶ୍ୱସ୍ତମନା

ସରବେ ବିଶ୍ୱାସ କରେ ନ ବିଚାରି କାହିଁ,
ତାପରି ମୂରୁଖ ଜନ ମହୀରେ କେ ଅଛି । ୯୫ ।

ନ ଲୋକ ବ୍ୟବହାରବିତ୍

ନ ଜାଣେ ଯେ ଭିନ୍ନ ଭିନ୍ନ ଲୋକ ବ୍ୟବହାର,
ତାକୁ ଲୋକେ ବୋଲୁଥାନ୍ତି କପଟ ପାମର । ୯୬ ।

ଭିକ୍ଷୁକ ଶ୍ରେଷ୍ଠଭୋଜୀଚ

ଉଷ୍ଟ ସ୍ୱାଦୁ ଖାଦ୍ୟ ଇଚ୍ଛେ ହୋଇ ଯେ ଭିକ୍ଷୁକ,
ମହାମୂର୍ଖ ବୋଲି ତାକୁ ବିଚାରନ୍ତି ଲୋକ । ୯୭ ।

Digitized by PPRACHIN, SOA

ଗୁରୁଷ୍ଟ ଶିଥିଳକ୍ରିୟଃ

ଗୁରୁ ହୋଇ ସଦାଚାରେ ହୁଏ ଯେ ଶିଥିଳ,
ଦେଖିନ ତା ଭଲ ମୂର୍ଖ ଏ ମହୀମଣ୍ଡଳ । ୯୮ ।

କୁକର୍ମଣ୍ୟପି ନିର୍ଲଜ୍ଜଃ

ଲଜ୍ଜା ଶର୍ମ ନ ମାନ ଯେ କରେ କୁକରମ,
ମୂର୍ଖ ମଧ୍ୟେ ଗଣିଥାନ୍ତି ଜ୍ଞାନୀଏ ତା ନାମ । ୯୯ ।

ସ୍ୟାନ୍ ମୂର୍ଖଷ୍ଟ ସହାସଗୀଃ

ଅକାରଣେ ହସେ ଯେହ୍ନୁ କଥାବାର୍ତ୍ତା ବେଳେ,
ନମିଲେ ମୂର୍ଖଙ୍କ ମଧ୍ୟେ ଜଣେ ସେପ୍ରକାରେ ।୧୦୦।

ସମାପ୍ତ

ସାରସ୍ୱତ ପ୍ରେସ—କଟକ

Digitized by PPRACHIN, SOA

Printed by B. K. Kar, B. A.
THE SARASWATA PRESS
CUTTACK
1931

Digitized by PPRACHIN, SOA